## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ଜୟପୁର (ନି.ପ୍ର.): କୋରାପୁଟ ସଦରଥାନା ଅନ୍ତର୍ଗତ ଅଡମୁଣ୍ଡା ଗ୍ରାମର ସୁନିତା ବେନିଆଙ୍କୁ ପରିବାର ଲୋକେ ଯୌତୁକ ପାଇଁ ନିର୍ଯାତନା ଦେଉଥିବା ଶୁକ୍ରବାର ମହିଳା ଥାନାରେ ଅଭିଯୋଗ ପରେ ଏକ ମାମଲା (୭୯/୨୦)ରୁଜୁ ହୋଇଛି। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ମମତା ପାଣିଗ୍ରାହୀ ତଦନ୍ତ ଆରମ୍ଭ କରିଛନ୍ତି। ଖବରରୁ ଜଣାପଡିଛି ୧୫ ବର୍ଷ ତଳେ କାକିରିଗୁମ୍ମା ଥାନା ଅନ୍ତର୍ଗତ କିଦିରିଗୁଡା ଗ୍ରାମର ସୁନାମ ବେନିଆ ସୁନିତା ବେନିଆଙ୍କୁ ବିବାହ କରିଥିଲେ। ବାହାଘର ବେଳେ ଶାଶୁଘର ଲୋକେ ଯୌତୁକ ଦାବି କରି ନ ଥିଲେ। ପରେ ଏନେଇ ମଝିରେ ମଝିରେ ଝଗଡା ଲାଗି ରହୁଥିଲା। ଶାଶୁଘର ଲୋକେ ଯୌତୁକ ଦାବି କରିବା ନେଇ ଗାଁରେ ଏକ ବୈଠକ ବସିଥିଲେ ମଧ କେଣସି ସମାଧାନ ହୋଇପାରି ନ ଥିଲା। ଫଳରେ ଏବେ ସୁନିତା ବାପ ଘରେ ରହୁଛନ୍ତି।

**ସଂକ୍ଷେପରେ**

## ଚୋରି ପାଣି ମୋଟର ଜବତ , ୩ ଗିରଫ



ନବରଙ୍ଗପୁର,୧୮।୧୨(ବି.ପ୍ର.)

ଚାଷ କାମରେ ବ୍ୟବହୃତ ପାଣି ମୋଟର ଚୋରି ହୋଇଥିବା ସ୍ଥାନୀୟ ଚାଷୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଡେଙ୍ଗାତୋଟା ଗୁଡା ଗାଁର ସମ୍ବାରୁ ବିନ୍ଧାଣୀ(୨୦), ଖଡିଆଗୁଡା ଗାଁର ଜଗବନ୍ଧୁ ହରିଜନ ଓରଫ ଭାଜା (୨୫) ଓ ଲବ ହରିଜନ(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁରୁଦେବ ହଜିଜନ ଓ ଘାସିରାମ ହରିଜନ ନାମକ ଅନ୍ୟ ୨ଜଣ ମଧ ପାଣି ମୋଟର ଚୋରି କରି ବିଭିନ୍ନ ସ୍ଥାନରେ ବିକ୍ରି କରିଥିବା ଅଭିଯୁକ୍ତମାନେ କହିଛନ୍ତି। ଏହାପରେ ସେ ସବୁ ସ୍ଥାନରୁ ପୋଲିସ୧୩ଟି ପାଣି ମୋଟର ଜବତ କରିଛି। ଚାଷୀଙ୍କ ଅଭିଯୋଗ କ୍ରମେ ୩୧୪/୨୦ ମାମଲା ରୁଜୁ ହୋଇ ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରାଯାଇ ଏହାର ତଦନ୍ତ ଚାଲିଥିଲା। ଏହି ଘଟଣାରେ ଏସ୍ଆଇ ଅଭିମନ୍ୟୁ ଦୁର୍ଗା ତଦନ୍ତ ଦାୟିତ୍ୱ ତୁଲାଉଛନ୍ତି।

## ଦୈନିକ ବଜାରରୁ ମହିଳାଙ୍କ ମୃତଦେହ ଉଦ୍ଧାର

ରାଇଘର, ୧୮।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ସଦର ମହକୁମାସ୍ଥିତ ଦୈନିକ ବଜାର ମଧରେ ଥିବା ହାଟପିଣ୍ଡି ଗୃହ ମଧରୁ ଶୁକ୍ରବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେସ ହେଲେ ପାରୁଆ ଗ୍ରାମର ପଞ୍ଚୁ ଗଣ୍ଡଙ୍କ ସ୍ତ୍ରୀ ଦୁତିକା (୩୫)। ସରପଞ୍ଚଙ୍କ ସହଯୋଗରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, କିଛିଦିନ ହେବ ମହିଳା ଜଣଙ୍କ ରାଇଘର ସଦର ମହକୁମା ଦୈନିକ ବଜାର ମଧରେ ଥିବା ହାଟପିଣ୍ଡି ଗୃହରେରହି ଆସୁଥିଲେ। କିନ୍ତୁ ଶୁକ୍ରବାର ସକାଳୁ ଉକ୍ତ ସ୍ଥାନରୁ ତାଙ୍କ ମୃତଦେହ ମିଥିଲା। ସ୍ଥାନୀୟ ଲୋକେ ରାଇଘର ସରପଞ୍ଚଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସରପଞ୍ଚ ଏ ନେଇ ପୋଲିସକୁ ଯୋଗାଯୋଗ କରିଥିଲେ। ଖୋଜାଖୋଜି ପରେ ତାଙ୍କ ପରିଚୟ ମିଳିଥିଲା। ମହିଳା ଜଣଙ୍କ ୧୫ ବର୍ଷରୁ ଅଧିକ ସମୟ ହେବ ଅଲଗା ରହି ଆସୁଥିଲେ। ତାଙ୍କର ମାନସିକ ସ୍ଥିତି ଠିକ୍ ନ ଥିଲା। ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଆସିଛି ୫ଶହ, କିଣା ହୋଇଛି ୧୧ଶହ କୁଇଣ୍ଟାଲ ଧାନ

ବିଷମକଟକ, ୧୮।୧୨



ମଣ୍ଡିକୁ ଆସିଥିବା ଧାନ ।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ହାଟମୁନିଗୁଡ଼ା ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଉଛି। ଶୁକ୍ରବାର ମଣ୍ଡିକୁ ମାତ୍ର ୫ଶହ କୁଇଣ୍ଟାଲ ଧାନ ଆସିଥିବାବେଳେ ୧୧ଶହ କୁଇଣ୍ଟାଲ ଧାନ କିଣାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହାଛଡ଼ା ଧାନ ବିକିବାକୁ ଆସୁଥିବା ଚାଷୀଙ୍କ ପାଇଁ ମଣ୍ଡିରେ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ନେଇ ଅଭିଯୋଗ ମଧ ହୋଇଛି।

ଶୁକ୍ରବାର ହାଟମୁନିଗୁଡା ମଣ୍ଡିକୁ ୧୦ ଗାଡିରେ ୧୦୦୦ ପ୍ୟାକେଟ୍ (୫ଶହ କୁଇଣ୍ଟାଲ) ଧାନ ଆସିଥିଲା। କିନ୍ତୁ ଦିନ ଶେଷ ବେଳକୁ କ୍ରୟକାରୀ ସଂସ୍ଥା ୧୧ଶହ.୯୦ କୁଇଣ୍ଟାଲ ଧାନ କିଣିଥିବା ନଥିପତ୍ରରେ ଦର୍ଶାଇଛି। ମିଲର ଏବଂ କ୍ରୟକାରୀ ସଂସ୍ଥାର ସଲାସୁତରାରେ ଏପରି ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାଛଡ଼ା ଚାଷୀମାନେ ମଣ୍ଡିରେ ଶୋଷଣର ଶୀକାର ହେଉଥିବା ମଧ ଅଭିଯୋଗ ହୋଇଛି। କ୍ରୟକାରୀ ସଂସ୍ଥା ଧାନ କିଣିବା ପରେ ମିଲର ଧାନ ଉଠାଇବା କଥା। କିନ୍ତୁ କୁଇଣ୍ଟାଲ ପ୍ରତି ୧୫୦ରୁ ୨ଶ୦ ଟଙ୍କା ଦେଲେ ଧାନ ଉଠାଇବେ ବୋଲି ମିଲରମାନେ କହୁଥିବା ଚାଷୀ ଅଭିଯୋଗ କରିଛନ୍ତି। ମଣ୍ଡିରେ ଡାକୁଲୁଗୁଡାର ସୁମିତ୍ରା ଗୌଡ଼୫୦ କୁଇଣ୍ଟାଲ, ସିନ୍ଧିଙ୍ଗାର ଟଙ୍କଧର ରାଉତ ୯୮ କୁଇଣ୍ଟାଲ, ଶ୍ରୀନିବାସ କୁମାର ୫୯ କୁଇଣ୍ଟାଲ ଧାନ ବିକ୍ରି କରିବା ପରେ ମିଲରମାନେ ଧାନ ଉଠାଇବାକୁ ଟଙ୍କା

**ହାଟମୁନିଗୁଡା ମଣ୍ଡିରେ ଅବ୍ୟବସ୍ଥା**

ମାଗୁଥିବା ସେମାନେ କହିଛନ୍ତି। ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ଧାନ ଉଠାଣ ନ ହେବାରୁ ଶ୍ରୀନିବାସ କୁମାର ବିକ୍ରି କରିଥିବା ଧାନକୁ ପୁଣି ନିଜ ଘରକୁ ନେଇ ଯାଇଥିବା କହିଛନ୍ତି। କମ୍ ଧାନ ଆସିଥିବାବେଳେ ଅଧିକ କିଣାଯାଇଥିବା ଅଭିଯୋଗ ସମ୍ପର୍କରେ ଲ୍ୟାମ୍ପସ ଏମ୍ଡି ଶାନ୍ତନୁ କୁମାର ସାହୁଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି। କିଣା ଯାଇଥିବା ଧାନକୁ ମିଲରମାନେ ନେବାକୁ ବାଧ ବୋଲି ସେ କହିଛନ୍ତି। ମଣ୍ଡିରେ କୌଣସି ଅଧିକାରୀ ଉପସ୍ଥିତ ରହୁ ନାହାନ୍ତି। ଏପରି ଅବ୍ୟବସ୍ଥା ଲାଗି ରହିଲେ ବାଧ ହୋଇ ଆନ୍ଦୋଳନ କରିବେ ବୋଲି ଚାଷୀମାନେ କହିଛନ୍ତି।

# ୨୭ରୁ ଭାଜପାର ମଣ୍ଡି ଚାଲ୍ ଅଭିଯାନ

ଜୟପୁର,୧୮।୧୨:(ନି ପ୍ର )

ଭାଜପା କୃଷକ ମୋର୍ଚ୍ଚା ଆସନ୍ତା ୨୭ରୁ ମଣ୍ଡିଚାଲ ଅଭିଯାନ ଆରମ୍ଭ କରିବ। ଜୟପୁର ଜୋନରୁ ଏହି ଅଭିଯାନ ଆରମ୍ଭ ହେବ। ଜିଲା ସଭାପତି ସୁମନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏଥିରେ ଭଜାପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରଜତ ମାଦଳା, ଜିଲା ସଭାପତି ଭଗବାନ ମୁଦୁଲି, ପୂର୍ବତନ ଏମ୍ପି ଜୟରାମ ପାଙ୍ଗୀ, ଖଗେଶ୍ୱର ପୂଜାରୀ, କୋରାପୁଟ ଆରଏମସି ଉପାଧକ୍ଷ କର୍ପୁର ହନ୍ତାଳ, ଅରୁଣ ଭଙ୍ଗମିଶ୍ର ଗୌତମ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନରେ ନୂତନ କୃଷିନୀତି ସପକ୍ଷରେ ଚାଷୀମାନଙ୍କୁ ଅବଗତ କରାଯିବ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ବିରୋଧୀ ଦଳ ନେତା ପ୍ରଦୀପ ନାୟକଙ୍କ ସମେତ ଅନ୍ୟମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାର କୃଷକଙ୍କ ଉନ୍ନତି ପାଇଁ ସେମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ଲାଗି ଅନେକ ପଦକ୍ଷେପ ନେଉଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ଚାଷୀ କେନ୍ଦ୍ରୀୟ ଯୋଜନାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ସରକାର ଧାନର ଏମଏସପି ୧୮୬୮ ଟଙ୍କା ଦେଉଥିବା ବେଳେ ମଣ୍ଡିରେ ୩କେଜିରୁ ୮କେଜି ପର୍ଯ୍ୟନ୍ତ କଟନିଛଟନି ନେଉଥିବାରୁ ଚାଷୀ ପ୍ରକୃତ ମୂଲ୍ୟ ପାଇପାରୁ ନାହାନ୍ତି। ମଣ୍ଡିର ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାର ଅର୍ଥ ବ୍ୟବସ୍ଥା କରିଥିବା ବେଳେ ଅଦ୍ୟାବିଧି ଓଡିଶାରେ ମଣ୍ଡିଗୁଡିକ ଭିତ୍ତିଭୂମି ଅବସ୍ଥା ଏଯାଏ ସୁଧୁରି ନାହିଁ। ଧାନ ଅଖା ପାଇଁ କେନ୍ଦ୍ର ଟଙ୍କା ଦେଉଥିଲେ ମଧ ଚାଷୀଙ୍କୁ ଅଖା ବାବଦ ଟଙ୍କା ମିଳୁନାହିଁ। ଏବର୍ଷ ଧାନକିଣା ପାଇଁ କେନ୍ଦ୍ର ସରକାର ୧୮ ହଜାର କୋଟିରୁ ଉର୍ଦ୍ଧ ଟଙ୍କା ଦେଇଥିଲେ ମଧ ଓଡିଶାରେ ଅଦ୍ୟାବଧି ଅର୍ଦ୍ଧାଧିକ ଜିଲାରେ ଧାନମଣ୍ଡି ଖୋଲିନାହିଁ ବୋଲି ଭାଜପା ଅଭିଯୋଗ କରିଛି। ୨୭ରୁ ୩ ମାସ ପର୍ଯ୍ୟନ୍ତ ଭାଜପା କୃଷକ ମୋର୍ଚ୍ଚା ମଣ୍ଡି ଚାଲ ଅଭିଯାନରେ ଓଡିଶାର ୩୫୦୦ ମଣ୍ଡିକୁ ଯାଇ ସ୍ଥିତି ଅନୁଧ୍ୟାନ କରି ମଣ୍ଡିରେ ଏବଂ ପ୍ରତି ପଞ୍ଚାୟତରେ ପୋଷ୍ଟର ମାରିବା କାର୍ଯ୍ୟକ୍ରମ ରହିଛି ।

# ୪ କରୋନା ଯୋଦ୍ଧାଙ୍କ ପରିବାରକୁ ୫୦ ଲକ୍ଷ ଲେଖାଏ ଆର୍ଥିକ ସହାୟତା

କୋରାପୁଟ,୧୮।୧୨(ସ୍ୱ.ପ୍ର.)



କରୋନା ଯୋଦ୍ଧାଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

କୋରାପୁଟ ଜିଲାର ୪ କୋରନା ଯୋଦ୍ଧାଙ୍କ ପରିବାରକୁ ୫୦ ଲକ୍ଷ ଲେଖାଏ ଆର୍ଥିକ ସହାୟତା ଶୁକ୍ରବାର ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର କୋରାପୁଟ ଜିଲା ନନ୍ଦପୁର ସିଏଚସି ଅନ୍ତର୍ଗତ ହିକିମପୁଟ ସବସେଣ୍ଟର ମହିଳା ସ୍ୱାସ୍ଥ୍ୟକର୍ମୀ ସାବିତ୍ରୀ ଜାନି , କୋରାପୁଟ ଟାଉନଥାନା ଆଇଆଇସି ପୀତବାସ ଧାରୁଆ, ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟର ଡିଏସଆଇ ସର୍ବେଶ୍ୱର ପ୍ରଧାନ, ନନ୍ଦପୁର ସିଏଚସି ଅନ୍ତର୍ଗତ ବନମାଳିପୁଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚୁକ୍ତିଭିତିକ ଆୟୁଷ ଡାକ୍ତର ପ୍ରସନ୍ନ କୁମାର ଜାଲିଙ୍କ ପରିବାରକୁ ୫୦ ଲକ୍ଷ ଲେଖାଏ ଚେକ ଜିଲାପାଳ ପ୍ରଦାନ କରିଥିଲେ । ପୀତବାସ ଧାରୁଆଙ୍କ ପରିବାର ପକ୍ଷରୁ ତାଙ୍କ ସ୍ତ୍ରୀ କେତକୀ ଧାରୁଆ, ସର୍ବେଶ୍ୱର ପ୍ରଧାନଙ୍କ ପରିବାର ପକ୍ଷରୁ ତାଙ୍କ ସ୍ତ୍ରୀ ନଳିନୀପ୍ରଭା ନାୟକ, ସାବିତ୍ରୀ ଜାନିଙ୍କ ପରିବାର ପକ୍ଷରୁ ତାଙ୍କ ସ୍ୱାମୀ ଶଙ୍କର୍ଷଣ ନାୟକ ସହାୟତା ରାଶି ଗ୍ରହଣ କରିଥିଲେ। ଡାକ୍ତର ପ୍ରସନ୍ନ କୁମାର ଜାଲିଙ୍କ ପରିବାର ସଦସ୍ୟ କୌଣସି କାରଣରୁ ଶୁକ୍ରବାର ପହଞ୍ଚିପାରି ନ ଥିବାରୁ ତାଙ୍କ ପରିବାରକୁ ସୋମବାର ସହାୟତା ରାଶି ବାବଦ ଚେକ ପ୍ରଦାନ କରାଯିବ ବୋଲି ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଜରୁରୀ ଅଧିକାରୀ ତ୍ରିପାଠୀଙ୍କ ସମେତ ପ୍ରକାଶ ସାମଲ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ କୋଭିଡ ସମୟରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ମହାମାରୀ କରୋନାରେ ଆକ୍ରାନ୍ତ ହୋଇ ଗତ ୨୧।୮।୨୦ରେ ମହିଳା ସ୍ୱାସ୍ଥ୍ୟକର୍ମୀ ସାବିତ୍ରୀ ଜାନି, ସେପ୍ଟେମ୍ବର ୮ରେ ଡିଏସଆଇ ସର୍ବେଶ୍ୱର ପ୍ରଧାନ, ସେପ୍ଟମ୍ବର ୨୩ରେ ଆୟୁଷ ଡାକ୍ତର ପ୍ରସନ୍ନ କୁମାର ଜାଲି, ଅକ୍ଟୋବର ୧ରେ କୋରାପୁଟ ଟାଉନଥାନା ଅଧିକାରୀ ପୀତବାସ ଧାରୁଆଙ୍କ ପରଲୋକ ହୋଇଥିଲା। ଏନେଇ ସେମାନଙ୍କ ପଦସ୍ଥ ଅଧିକାରୀ ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା ଜିଲା ପ୍ରଶାସନ ମାଧ୍ୟମରେ ସରକାରଙ୍କୁ ଚିଠି ଲେଖି ଜଣାଇଥିଲେ।

## ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଫେରାର

ଜୟପୁର,୧୮।୧୨(ନି.ପ୍ର.)

ବିବାହର ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ପ୍ରତାରଣା କରି ଶେଷରେ ଯୁବକ ଫେରାର ହୋଇଯାଇଛନ୍ତି। ସମ୍ପୃକ୍ତ ନାବାଳିକା ଏନେଇ ଜୟପୁର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ୭୮/୨୦ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି ଗତ ୧୨ରେ ଜୟପୁର ସଦରଥାନା ଅଞ୍ଚଳର ଜଣେ ନାବାଳିକା ଇରିଗେସନ କଲୋନୀ ଅଞ୍ଚଳକୁ କୁଲି କାମ କରିବାକୁ ଯାଇଥିଲେ। କଲୋନୀ ଅଞ୍ଚଳର ଡ୍ରାଇଭର ରାଜେଶ ହକର ନାବାଳିକାଙ୍କୁ ଅପହରଣ କରି ଜଗଦଲପୁର ନେଇଯାଇଥିଲେ। ୩ଦିନ ଜଗଦଲପୁରରେ ରଖିବା ପରେ ଗୁରୁବାର ଜୟପୁରରେ ଆଣି ଛାଡି ଦେଇଥିଲେ। ଶୁକ୍ରବାର ନାବାଳିକାଙ୍କ ପରିବାର ଏସମ୍ପର୍କରେ ମହିଳା ଥାନାରେ ଅଭିଯୋଗ କରିବା ପରେ ରାଜେଶ ଫେରାର ହୋଇଯାଇଛନ୍ତି। ମାମଲାରେ ତଦନ୍ତ ମିନାକ୍ଷୀ ଦଳବେହେରା କରୁଛନ୍ତି।

# ନିରାଡ଼ମ୍ବରରେ ଚାଲିଛି ଲକ୍ଷ୍ମୀପୂଜା



ମଣ୍ଡପରେ ପୂଜା କାର୍ଯ୍ୟ ଚାଲିଛି।

ମୁନିଗୁଡ଼ା, ୧୮।୧୨(ଡି.ଏନ୍.ଏ.)

ମୁନିଗୁଡ଼ାରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। କୋଭିଡ୍ କଟକଣାରେ ବିଜୁ ପଟ୍ଟନାୟକ ଯୁବକ ସଂଘ ପକ୍ଷରୁ ପାଇକସାହିରେ ଲକ୍ଷ୍ମୀପୂଜା କରାଯାଉଛି। ମଣ୍ଡପକୁ ଆସୁଥିବା ଭକ୍ତ ଓ କମିଟି ସଦସ୍ୟଙ୍କ ପାଇଁ ମାସ୍କ ବ୍ୟବହାର ବାଧତାମୂଳକ କରାଯାଇଛି। ସାନିଟାଇଜେଶନ ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ପାର୍ସଲ୍ ବ୍ୟବସ୍ଥା କରାଯାଇଛି। କୋଭିଡ୍‌କୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମିନାବଜାର, ଖାଦ୍ୟ ମେଳା, ଅପେରା ଆଦି କରାଯାଉନାହିଁ। ମା'ଙ୍କ ପୂଜାରେ ପାରମ୍ପରିକ ବାଦ୍ୟ ମଧ ବ୍ୟବହାର କରାଯାଉ ନାହିଁ। ଯୁବନେତା ଓ ପୂଜା କମିଟିର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ଗଉଡ ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି। ମୁଖ୍ୟ ପୁରୋହିତ ଜଗବନ୍ଧୁ ପଣ୍ଡା ସହଯୋଗୀଙ୍କ ସହ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

**ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

# ବର୍ଷେ ହେଲା ରେଲିକୁମ୍ଭାକୁ ପାଇପ ପାଣି ବନ୍ଦ

କୋରାପୁଟ,୧୮।୧୨(ସ୍ୱ.ପ୍ର)



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

କୋରାପୁଟ ମ୍ୟୁନିସିପାଲିଟିର ରେଲିକୁମ୍ଭା ଗ୍ରାମରେ ବର୍ଷେ ହେଲା ଲୋ ଭୋଲଟେଜ ସମସ୍ୟା ଯୋଗୁ ପାଇପ ଯୋଗେ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏନେଇ ଗ୍ରାମବାସୀ କୋରାପୁଟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ, ବିଦ୍ୟୁତ ବିଭାଗ, ପିଏଚଡି କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଜଣାଉଥିଲେ ମଧ କିଛି ପଦକ୍ଷେପ ନିଆଯାଉନାହିଁ। ଫଳରେ ଶୁକ୍ରବାର ସେମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କୋରାପୁଟ ମ୍ୟୁନିସିପାଲିଟିର ୧୫ ନମ୍ବର ୱାର୍ଡରେ ରହିଛି ରେଲିକୁମ୍ଭା ଗ୍ରାମ। ଏଠାରେ ଶତାଧିକ ପରିବାର ବାସ କରୁଛନ୍ତି। ସେମାନଙ୍କ ପାଇଁ ପିଏଚଡି ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବାବେଳେ ଲୋ ଭୋଲଟେଜ ସମସ୍ୟା ଯୋଗୁ ପିଏଚଡିପମ୍ପ ଠିକ ଭାବେ ଚାଲୁନାହିଁ। ଏଥିଯୋଗୁ ଗ୍ରାମବାସୀ ପାଣି ପାଇପାରୁନାହାନ୍ତି। ମାସ ମାସ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ ବିଦ୍ୟୁତ ବିଭାଗ ଲୋ ଭୋଲଟେଜ ସମସ୍ୟା ଦୂର କରିପାରୁନାହିଁ ଶେଷରେ ଶୁକ୍ରବାର ଗ୍ରାମର ମାଧବ ଜାନି, ବିପ୍ରପାତ୍ର ମୁଦୁଲି, ରାମଚନ୍ଦ୍ର ମୁଦୁଲି, ରବିନ୍ଦ୍ର ମୁଦୁଲି, ପର୍ଶୁ ମୁଦୁଲି, ପି. ମହାରଣାଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

**ନବମ ଜନ୍ମଦିନ ଶୁଭେଚ୍ଛା**



ସତ୍ୟପ୍ରକାଶ ପାତ୍ର (ସୋମ୍)

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ କି ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ନୀରୋଗ ଓ ଦୀର୍ଘାୟୁ କରନ୍ତୁ।

-:ଶୁଭେଚ୍ଛା ସହ:-

ତୋର ବାପା, ବୋଉ, ମାମା, ପାପା, ମାନି ମାମା, ଲିପୁ ପାପା, ଛୁଆ ପାପା, ତୋର ସାନ ଭଉଣୀ ମାମା ଓ ଅଜା ଆଈ ।

ଧ-୧୯୨୮୦

# ବାଗ୍ରୀବେଡ଼ା ଗ୍ରାମକୁ ନାହିଁ ରାସ୍ତା



ବାଗ୍ରୀବେଡ଼ା ଗ୍ରାମକୁ ପଡିଥିବା ରାସ୍ତା।

ଦଶମନ୍ତପୁର, ୧୮।୧୨ ( ଡ଼ି.ଏନ.ଏ )

- ୩ ଝୋଲା ସାଜିଛି ପ୍ରତିବନ୍ଧକ
- ଜରୁରୀ ନ ଥିଲେ ଅନ୍ୟତ୍ର ଯାଆନ୍ତିନି ଗ୍ରାମବାସୀ
- ଗାଁକୁ ରାସ୍ତା ନ ହେଲେ ଧାରଣା ଦେବୁ: ଗ୍ରାମବାସୀ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ନନ୍ଦିଗାଁ ପଞ୍ଚାୟତର ବାଗ୍ରୀବେଡ଼ା ଗ୍ରାମର ଗ୍ରାମବାସୀ ଅନେକ ସମସ୍ୟା ମଧରେ କାଳ କାଟୁଛନ୍ତି। ବିଭିନ୍ନ ସରକାରୀ ଯୋଜନା ସେମାନଙ୍କ ନିକଟରେ ଅପହଞ୍ଚ ହୋଇ ରହିଛି। ୭୯ ପରିବାରକୁ ନେଇ ଗଢି ଉଠିଥିବା ଏହି ଗ୍ରାମ ପଞ୍ଚାୟତଠାରୁ ମାତ୍ର ୫ କିମି ଦୂରରେ ରହିଛି।ନନ୍ଦିଗାଁ ପଞ୍ଚାୟତଠାରୁ ମାଳି ବିଶାଳି ଗାଁ ପର୍ଯ୍ୟନ୍ତ ପକ୍କା ରାସ୍ତା ରହିଥିବା ସେଠାରୁ ବାଗ୍ରୀବେଡ଼ା ଗ୍ରାମକୁ ରାସ୍ତା ନାହିଁ। ବିପଦପୂର୍ଣ୍ଣ ଜଙ୍ଗଲିଆ ରାସ୍ତାକୁ ଅତିକ୍ରମ କଲେ ବାଗ୍ରୀବେଡ଼ାରେ ପହଞ୍ଚି ହେବ। ମାଳିବିଶାଳି ଛକରୁ ବାଗ୍ରୀବେଡ଼ା ଯିବାବେଳେ ବାଟରେ ବିଜାଗଛ ଝୋଲା, ଜାମଗଛ ଝୋଲା ଏବଂ ଡୁମୁରିଗଛ ଝୋଲା ପଡେ। ଏହି ଝୋଲା ପାରି ହୋଇ ଯିବାକୁ ପଡୁଥିବାରୁ ଗ୍ରାମବାସୀ ପ୍ରାୟ ସେତେ ଜରୁରୀ ନ ପଡିଲେ ପଞ୍ଚାୟତ କିମ୍ବା ବ୍ଲକ କାର୍ଯ୍ୟାଳୟକୁ ଯାଆନ୍ତିନାହିଁ । ଏହି ଝୋଲା ଯୋଗୁ ଏଯାଏ ଗ୍ରାମକୁ ୩ ଚାକିଆ ଯାନ ଯାଇପାରୁନାହିଁ। ଗାଁରେ କୌଣସି ରୋଗୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଆମେ ଦୋଳାରେ ମାଳିବିଶାଳି ଛକ ଯାଏ ୩କିମି ବୋହି ନେଇ ଡାକ୍ତରଖାନା ନେଇଥାଉ ବୋଲି ଗ୍ରାମର ଧର୍ମୁଜୟ କମାର, ଶ୍ରୀରାମ ମୁଦୁଲି, ତ୍ରିନାଥ ଜାନି, ସଞ୍ଜୀବ ମୁଦୁଲି, ଭାଲୁ ମୁଦୁଲି ପ୍ରମୁଖ କହିଛନ୍ତି। ଏପରି କି ଡାକ୍ତରଖାନା ନେବା ବେଳେ ଏହି ଝୋଲା ଯୋଗୁ କେତେକ ରୋଗୀଙ୍କ ଅଧାବାଟରେ ମୃତ୍ୟୁ ଘଟିଛି ବୋଲି ସେମାନେ କହିଛନ୍ତି। ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଝୋଲା ଉପରେ କଲଭର୍ଟ ନିର୍ମାଣ କରାଯାଇ ଗ୍ରାମକୁ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନ ହେଲେ ଆମେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଡ଼ମ୍ବରୁଧର ମଲ୍ଲିକଙ୍କ ମତାମତ ନେବାକୁ ତାଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

## ଏସ୍ଏଚ୍‌ଜିଙ୍କ କୁକୁଡା ଫାର୍ମ ଉଦ୍‌ଘାଟିତ

ଡାବୁଗାଁ, ୧୮।୧୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଭେଲୁଆଗୁଡା ମାଁ ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କୁକୁଡ଼ା ଫାର୍ମକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ନାରାୟଣ ବେହେରା ଉଦ୍‌ଘାଟନ କରିଛନ୍ତି। ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଦୀପ ଲିଟର ପଦ୍ଧତିରେ ଅଣ୍ଡା ଦିଆ କୁକୁଡା ପାଳନ ନିମନ୍ତେ ଋଣ ଦିଆଯାଇଥିଲା। ଏଥିସହ ଜିଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୨୦୦ଟି ସେମି କମରସିଆଲ ବ୍ରାଉନ ଲେୟର ପ୍ରଜାତିର ୨୮ ଦିନିଆ କୁକୁଡା ଚିଆଁ ମଧ ପ୍ରଦାନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ଗଙ୍ଗାଧର ରାଉଳ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଧୁତ ଶେଖର ମିଶ୍ର, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାଧିକାରୀ ଡା. ସାରସ୍ୱତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍ଏଚ୍‌ଜିର ମଞ୍ଜୁଲତା ବିଶୋୟୀ ଓ ସମ୍ପାଦିକା ସବିତା ମହାନ୍ତିଙ୍କ ସହ ଅନ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ।

## ୩ ଦିନ ଲାଗିରହିବ କୁହୁଡ଼ି

ବ୍ରହ୍ମପୁର ଅଫିସ,୧୮।୧୨–

ଦକ୍ଷିଣ ଓଡ଼ିଶାକୁ ଲେଉଟିବ ଶୀତ । ଆସନ୍ତା ୩ଦିନ ଗଞ୍ଜାମ, କନ୍ଧମାଳ, କୋରାପୁଟ, ରାୟଗଡା, ମାଲକାନଗିରି ଜିଲାରେ କୁହୁଡିର ପ୍ରଭାବ ରହିବ। ଏସବୁ ଜିଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଗୋପାଳପୁର ପାଣିପାଗ ବିଭାଗ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ବୈଜ୍ଞାନିକ ଏସ୍.କେ. ମୂର୍ତ୍ତି ସୂଚନା ଦେଇଛନ୍ତି ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ବନ୍ଧକ ଋଣ
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
Commitment Forever
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତୃ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନି ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦୁର୍ଘଟଣାରେ ଆଶାକର୍ମୀ ଗୁରୁତର

ନବରଙ୍ଗପୁର,୧୮।୧୨(ବି.ପ୍ର.)

ନବରଙ୍ଗପୁର ସହର ଉପକଣ୍ଠ କୁକୁଡାକନାରୀରେ ସଡ଼କ ଦୁର୍ଘଟଣାରେ ଜଣେ ଆଶାକର୍ମୀ ଗୁରୁତର ହୋଇଛନ୍ତି। ସେଠାରେ ଉପସ୍ଥିତ ଜଣେ ଆର୍‌ଟିଓ ଅଧିକାରୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପ୍ରକାଶ ଯେ, ନବରଙ୍ଗପୁର ସହର ଉପକଣ୍ଠ କୁକୁଡାକନାରୀରେ ଟ୍ରାଫିକ ଓ ଜିଲା ପୋଲିସ ମିଳିତଭାବେ ଗାଡି ଯାଞ୍ଚ କରୁଥିଲେ। ଏହି ସମୟରେ ପାପଡାହାଣ୍ଡିରୁ ନବରଙ୍ଗପୁର ଅଭିମୁଖେ ଏକ ବାଉଁଶ ବୋଝେଇ ଟ୍ରାକ୍ଟର ଓ ପଛେ ପଛେ ଗୋଟିଏ ଅଟୋ ଆସୁଥିଲା। ଅସାବଧାନତା ଯୋଗୁ ଟ୍ରାକ୍ଟର ଡ୍ରାଇଭର ଗାଡିକୁ ହଠାତ ବୁଲାଇ ଦେବାରୁ ଅଟୋଟି ସେଥିରେ ଧକ୍କା ହୋଇଥିଲା। ଅଟୋରେ ବସିଥିବା ଡାବୁଗାଁ ବ୍ଲକ କେଲିଆର ଆଶାକର୍ମୀ ଲିପ୍ସା ପ୍ରଧାନ ଗୁରୁତର ହୋଇଛନ୍ତି। ଏହାଦେଖି ଗାଡି ଯାଞ୍ଚ କରୁଥିବା ଆରଟିଓ ସବଇନ୍ସପେକ୍ଟର ମିଥୁନ ପ୍ରଧାନ ନିଜ ସରକାରୀ ଗାଡିରେ ଲିପ୍ସାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି।

### ଲୋକଙ୍କ ସମସ୍ୟା ଶୁଣିଲା ଭାଜପା

ରାୟଗଡ଼ା ଅଫିସ,୧୮।୧୨

ରାୟଗଡ଼ା ଜିଲା ଭାଜପା ପକ୍ଷରୁ ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଦଳୀୟ ନେତା ଓ କର୍ମୀମାନେ ସହରର କସ୍ତୁରୀନଗର ଓ ନୂଆସାହି ଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଲୋକଙ୍କ ପାନୀୟ ଜଳ ସମସ୍ୟା, ଇନ୍ଦିରା ଆବାସ ଯୋଜନାରେ କେତେଜଣ ଅନ୍ତର୍ଭୁକ୍ତ ହୋଇଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଯୋଗ୍ୟ ହିତାଧିକାରୀମାନେ କିପରି ସହଜରେ ଏହିସବୁ ସୁବିଧାର ଲାଭ ପାଇବେ ସେ ସମ୍ପର୍କରେ ଚେଷ୍ଟା କରାଯିବ ବୋଲି ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

### କୋରାପୁଟ ଜିଲାରୁ ୮ କରୋନା ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୧୮।୧୨(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଶୁକ୍ରବାର ୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୭୯୯ରେ ପହଞ୍ଚିଛି । ଚିହ୍ନଟ ୮ ଜଣଙ୍କ ମଧ୍ୟରେ ଜୟପୁର ବ୍ଲକ ଅଞ୍ଚଳରୁ ୩ ,ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳରୁ ୨, କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରୁ ଜଣେ, ବୈପାରିଗୁଡା ବିଏସଏଫ କ୍ୱାରାଣ୍ଟାଇନ ସେଣ୍ଟରରୁ ଜଣେ ଏବଂ କୁନ୍ଦୁରା ବ୍ଲକରୁ ଜଣେ ପଜିଟିଭ ଚିହ୍ନଟ ହୋଇଥିବା ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଅଞ୍ଚଳବାସୀ

- ବେଲଗାଁ ସରପଞ୍ଚ, ନାଏବ ସରପଞ୍ଚ ଉନ୍ନୟନ କାମରେ ବାଧା ଦେଉଥିବା ଅଭିଯୋଗ
- ପିଇଓଙ୍କୁ ଦାବିପତ୍ର
- ସମାଧାନ ନ ହେବା ଯାଏ ତାଲା ଫିଟିବ ନାହିଁ: ପଞ୍ଚାୟତବାସୀ

ଝରିଗାଁ, ୧୮।୧୨(ସ୍ୱ.ପ୍ର.)

ସରପଞ୍ଚଙ୍କ ମନମୁଖି କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ନବରଙ୍ଗପୁର ଜିଲା ବେଲଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତବାସୀ ତାଲା ପକାଇଛନ୍ତି। ପରେ ବିଡିଓଙ୍କ ଉଦ୍ଦେଶ୍ୟରେ ପିଇଓ ଶ୍ୟାମସୁନ୍ଦର ନାୟକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ସରପଞ୍ଚ ଓ ନାଏବ ସରପଞ୍ଚ ବାରମ୍ବାର ବାଧା ସୃଷ୍ଟି କରୁଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

ସରପଞ୍ଚ ଓ ନାଏବ ସରପଞ୍ଚ ବେଲଗାଁ ସଦର ମହକୁମାରେ ନିର୍ମାଣ କରାଯାଉଥିବା କଲ୍ୟାଣ ମଣ୍ଡପ କାର୍ଯ୍ୟର ନଥିପତ୍ର (କ୍ୟାଶ ରେକର୍ଡ) ପିଇଓଙ୍କୁ ନ ଦେଇ ସେ ନିଜ ପାଖରେ ଦୀର୍ଘଦିନ ଧରି ରଖିଛନ୍ତି। ଫଳରେ କଲ୍ୟାଣ ମଣ୍ଡପ କାମ ଅଧାପନ୍ତରିଆ ହୋଇ ପଡିରହିଛି। ଏ ପର୍ଯ୍ୟନ୍ତ ଉକ୍ତ କାମ ବାବଦକୁ କିଛି ଟଙ୍କା ପଇଠ କରାଯାଇନାହିଁ। ଫଳରେ ସେହି କାମରେ ନିୟୋଜିତ ଶ୍ରମିକ ସେମାନଙ୍କ ପ୍ରାପ୍ୟ ପାଇ ନାହାନ୍ତି। ସେହିପରି ପଞ୍ଚାୟତରେ ନଳକୂପ ଖନନ, ଭତ୍ତା ପ୍ରଦାନ, ବିଭିନ୍ନ ଉନ୍ନୟନମୂଳକ କାମରେ ମଧ୍ୟ ସେମାନେ ମନଇଚ୍ଛା କାରବାର କରୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ସବୁର ସମାଧାନ ନ ହେବା ଯାଏ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲିବ ବୋଲି ଉଦୟନାଥ ନାୟକ, କାମଦେବ ପନକା, କୁବେରଦାସ ପନକା, ପ୍ରମୋଦ କୁମ୍ଭାର, ଜଗବନ୍ଧୁ ଗୌଡ, ଘାସିରାମ ବଞ୍ଜାରା, ଇର୍ଣ୍ଣ ପୂଜାରୀ, ସୁନାଦର କଲାର, ଗଣେଶ କୁମ୍ଭାର ପ୍ରମୁଖ କହିଛନ୍ତି।



ପଞ୍ଚାୟତବାସୀ ପିଇଓଙ୍କୁ ଦାବିପତ୍ର ଦେଉଛନ୍ତି।

# ପାଇଖାନା ଟଙ୍କା ହଡ଼ପ ଘଟଣାର ତଦନ୍ତ କରିବ ଭିଜିଲାନ୍ସ

ଝରିଗାଁ, ୧୮।୧୨(ସ୍ୱ.ପ୍ର.)

ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣ ନାଁରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବିଡିଓ ହିତାଧିକାରୀଙ୍କ ଅର୍ଥ ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଥିଲା। କଂଗ୍ରେସ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ବ୍ଲକର ୨୫୯ ଜଣ ହିତାଧିକାରୀ ବିଡିଓ ହଡପ କରିଥିବା ନେଇ ଥାନାରେ ଏତଲା ଦେଇଥିଲେ। ପ୍ରଶାସନ ଏହାର ତଦନ୍ତ କରିଥିଲା। ଆଗକୁ ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ହିତାଧିକାରୀଙ୍କ ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ଡିଆରଡିଏ ପିଡି ରତ୍ନାକର ନାୟକ, ଏପିଡି ଦେବସ୍ମିତା କର, ମାଧୁରୀ ତ୍ରିପାଠୀ, ଧର୍ମନାରାୟଣ ସାହୁ ଏବଂ ନିକିତା ଗୁପ୍ତା ଏହାର ତଦନ୍ତ କରିଥିଲେ। ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ବାବଦକୁ ଟଙ୍କା ମିଳି ନ ଥିବା ଏଥିରୁ ସ୍ପଷ୍ଟ ହୋଇଥିଲା। ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କେସ୍‌ଟିକୁ ଭିଜିଲାନ୍ସକୁ ହସ୍ତାନ୍ତର କରାଯାଇଛି। ସ୍ୱଳ୍ପ ସମୟ ମଧ୍ୟରେ ପାଇଖାନା ନିର୍ମାଣ ନେଇ ପ୍ରାୟ ୫୦ରୁ ଅଧିକ ଏଜେନ୍ସିର ସହାୟତା ନେଇଥିଲା ବ୍ଲକ ପ୍ରଶାସନ। ଏହାପରେ ଝରିଗାଁ ବ୍ଲକରେ ପାଇଖାନା ନିର୍ମାଣ କାମ ଆରମ୍ଭ ହୋଇଥିଲା। କିନ୍ତୁ ହିତାଧିକାରୀମାନଙ୍କ ପାଇଁ ଆସିଥିବା ପାଇଖାନା ପ୍ରକୃତରେ ନିର୍ମାଣ ହୋଇଛି କି ନାହିଁ ତାହା ଯାଞ୍ଚ କରା ନ ଯାଇ ଭେଣ୍ଡରମାନଙ୍କୁ ବିଲ୍ ପୈଠ କରାଯାଇଥିଲା। ଏହି ଅର୍ଥ ଆତ୍ମସାତରେ ବ୍ଲକ ପ୍ରଶାସନ ଅଧିକାରୀଙ୍କ ସହ ଭେଣ୍ଡରମାନେ ସମ୍ପୃକ୍ତ ବୋଲି ଚର୍ଚ୍ଚା ହେଉଛି।

# ଟୋକନ ନେଇ ମଣ୍ଡିରେ ଉତ୍ତେଜନା



ଅଭିଯୋଗ କରିବାକୁ ଆସିଥିବା ଚାଷୀ।

ଏମ୍‌ଭି୭୯,୧୮।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି ୭୯ ଧାନମଣ୍ଡିରେ ଟୋକନ ବ୍ୟବସ୍ଥାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଣ୍ଡିରେ ଶତାଧିକ ଚାଷୀ ଶୁକ୍ରବାର ଏକାଠି ହୋଇ ଟୋକନ ବ୍ୟବସ୍ଥାକୁ ବିରୋଧ କରିବା ସହ ଦଲାଲଙ୍କ ଧାନ ଅଧିକ ପରିମାଣରେ ଉଠୁଥିବା ଏବଂ ସେମାନଙ୍କର ଟୋକନ ଆସୁଥିବା ଅଭିଯୋଗ କରିଛନ୍ତି। ଏନେଇ ଶତାଧିକ ଚାଷୀ ଜିଲା ପ୍ରଶାସନକୁ ଜଣାଇ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ସେମାନେ ମଣ୍ଡି ବନ୍ଦ କରି ଦେବେ ବୋଲି ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ ଟୋକନ ପ୍ରଦାନରେ ହେଉଥିବା ବିଭିନ୍ନ ଅସୁବିଧା ନେଇ ସେମାନେ ଏହାକୁ ବିରୋଧ କରିଥିଲେ। ମଣ୍ଡି ଦଲାଲଙ୍କ ଅଧୀନକୁ ଚାଲିଯାଉଥିବା ସେମାନେ ଜିଲା ପ୍ରଶାସନକୁ ଜଣାଇଥିଲେ। ତେବେ ଜିଲା ପ୍ରଶାସନର ଉଦାସୀନତା ଚାଷୀଙ୍କୁ ହତାଶ କରିଛି। ଆଗାମୀ ଦିନରେ ଏହା ଜାରି ରହିଲେ ସେମାନେ ମଣ୍ଡି ବନ୍ଦ କରିଦେବେ ବୋଲି ପ୍ରକାଶ କରିଛନ୍ତି।

# ରାମ୍‌କୋ ସିମେଣ୍ଟ ମାସନ କ୍ଲବ ପକ୍ଷରୁ ମିସ୍ତ୍ରିଙ୍କୁ ଉପହାର ବଣ୍ଟନ କାର୍ଯ୍ୟକ୍ରମ




କମ୍ପାନୀ ପକ୍ଷରୁ ଜଣେ ମିସ୍ତ୍ରିଙ୍କୁ ଉପହାର ଦିଆଯାଉଛି ।

ସେମିଳିଗୁଡ଼ା, ୧୮।୧୨(ସ୍ୱ.ପ୍ର.)

ରାମ୍‌କୋ ସିମେଣ୍ଟ ମାସନ କ୍ଲବ ପକ୍ଷରୁ ମିସ୍ତ୍ରିମାନଙ୍କୁ ବାର୍ଷିକ ଉପହାର ବଣ୍ଟନ କାର୍ଯ୍ୟକ୍ରମ ସେମିଳିଗୁଡ଼ାର ଏକ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କମ୍ପାନୀର ଡିଜିଏମ୍ ମାର୍କେଟିଂ ପ୍ରତୀକ ରାୟ ଯୋଗଦେଇ ରାମ୍‌କୋ ସିମେଣ୍ଟ ,ମାସନ କ୍ଲବ ପକ୍ଷରୁ ମିସ୍ତ୍ରିମାନଙ୍କୁ ବାର୍ଷିକ ଉପହାର ବଣ୍ଟନ କାର୍ଯ୍ୟକ୍ରମ ଚଳିତବର୍ଷ କରୋନା ଯୋଗୁ ବିଳମ୍ବ ହୋଇଥିଲେ ମଧ୍ୟ ଆଜି ତାହା ସମ୍ଭବ ହୋଇଛି। ସେମିଳିଗୁଡ଼ା ଏବଂ ସୁନାବେଡ଼ା ଅଞ୍ଚଳରେ ରାମ୍‌କୋ ସିମେଣ୍ଟ ଚଳିତ ବର୍ଷ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ କମ୍ପାନୀ ବେନିଫିଟ ପାଇପାରିଛି। ଏଥିରେ ଅଞ୍ଚଳର ସମସ୍ତ ମିସ୍ତ୍ରିଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଥିବାରୁ ତାହା ସମ୍ଭବ ହୋଇପାରିଛି। ଏହାଦ୍ୱାରା ରାମ୍‌କୋ ସିମେଣ୍ଟର ବଜାରରେ ଚାହିଦା ,ମାନ ଏବଂ ବ୍ୟବହାର ଦ୍ୱିଗୁଣିତ ହୋଇପାରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ରୂପେ ଏଜିଏମ୍ ମାର୍କେଟିଂ ରଞ୍ଜନ କୁମାର ସାହୁ, ଏଜିଏମ୍ ଟେକ୍ନିକାଲ ଅବଦେଶ କୁମାର ସିଂ, ସେମିଳିଗୁଡ଼ାର ସି ଆଣ୍ଡଏଫ୍ ସୁନୀଲ ନାୟକ ଓ ଜୟପୁରର ସିଆଣ୍ଡଏଫ ବି ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ରାମ୍‌କୋ ସିମେଣ୍ଟର ବିଜୟ କୁମାର ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଞ୍ଚଳର ୨୩ ଜଣ ୨୩ ମିସ୍ତ୍ରି ଯେଉଁମାନଙ୍କର ରାମ୍‌କୋ ସିମେଣ୍ଟ ସର୍ବାଧିକ ବ୍ୟବହାରରେ ପ୍ରମୁଖ ଭୂମିକା ରହିଛି ସେମାନଙ୍କୁ ୬ଟି ପର୍ଯ୍ୟାୟ ଯଥା ଏ ପ୍ଲସ୍‌ପ୍ଲସ୍ ପର୍ଯ୍ୟାୟରେ ୩ ଜଣ ମିସ୍ତ୍ରିଙ୍କୁ ସର୍ବଶ୍ରେଷ୍ଠ ବାର୍ଷିକ ଉପହାର ପ୍ରଦାନ କରାଯାଇଥିବା ବେଳେ ଏ ପ୍ଲସ୍‌ରେ ୨ଜଣ ,ଏରେ ୫ଜଣ ,ବି ରେ ୫ ଜଣ,ସିରେ ୨ ଜଣ ଏବଂ ଡିରେ ୬ ଜଣ ମିସ୍ତ୍ରିଙ୍କୁ ମାସନ କ୍ଲବ ପକ୍ଷରୁ ବିଭିନ୍ନ ଉପହାର ଯଥା ଟିଭି ,ରେଫ୍ରିଜରେଟର, ୱାଶିଂ ମେଶିନ,ଟ୍ରଲି ବ୍ୟାଗ୍ ଓ ବ୍ରିଫ୍‌କେସ ଉପହାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ଓ ସୁନାବେଡ଼ା ଅଞ୍ଚଳର ବହୁ ମିସ୍ତ୍ରି ଯୋଗ ଦେଇଥିଲେ।

### ଝିଅକୁ ଅପହରଣ ଅଭିଯୋଗରେ ବାପା ଗିରଫ

ରାୟଗଡ଼ା ଅଫିସ,୧୮।୧୨

ନିଜ ୩ ବର୍ଷର ଝିଅକୁ ଅପହରଣ କରିବା ଅଭିଯୋଗରେ ବାପା ଗିରଫ ହୋଇଛନ୍ତି। ତାଙ୍କର ଜଣେ ସହଯୋଗୀଙ୍କୁ ମଧ୍ୟ ପୋଲିସ ଗିରଫ କରିଛି ବୋଲି ଶୁକ୍ରବାର ରାୟଗଡ଼ା ଏସ୍‌ପି ସର୍ବଣା ବିବେକ୍ ଏମ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଅପହୃତା ଗୁଞ୍ଜନ କଣ୍ଡାଗରୀଙ୍କ ବାପା ଦୋରା କଣ୍ଡାଗରୀ (୨୯) ଏବଂ ତାଙ୍କ ସହଯୋଗୀ ଗଜେନ୍ଦ୍ର ହୁଇକା (୩୭)। ପୂର୍ବ ଶତ୍ରୁତା ଯୋଗୁ ଝିଅ ଅପହରଣ ଦୋଷ ଅନ୍ୟ ଜଣଙ୍କ ଉପରେ ଲଦିବାକୁ ଦୋରା ଏପରି କାଣ୍ଡ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଗତ ୧୫ ତାରିଖରେ ଗୁଞ୍ଜନଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଅପହରଣ କରିଥିବା ନେଇ ଜେଜମା ପୁଲମା କଣ୍ଡାଗରୀ ରାୟଗଡ଼ା ଟାଉନ ଥାନା ରେ ଅଭିଯୋଗ କରିଥିଲେ। ପୋଲିସ କେସ ନମ୍ବର ୪୦୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତକରୁଥିଲା। ଗୁଞ୍ଜନଙ୍କୁ କୌଣସି ସମ୍ପର୍କୀୟ ନୁହେଁ ବରଂ ତାଙ୍କ ବାପା ଅନ୍ୟ ଜଣେ ସହଯୋଗୀଙ୍କ ସହ ମିଶି ଅପହରଣ କରିଥିବା ପୋଲିସ ସ୍ପଷ୍ଟ ହୋଇଥିଲା। ପୋଲିସ ଗୁଞ୍ଜନଙ୍କୁ ରାୟଗଡ଼ା ବ୍ଲକ ଗୁମ୍ମା ପଞ୍ଚାୟତ ଅଞ୍ଚଳର ପିଣ୍ଟୁ ସାରକାଙ୍କ ଘରୁ ଉଦ୍ଧାର କରିଥିଲା। ଘଟଣାସ୍ଥଳରୁ ଗୋଟିଏ ବାଇକ୍ (ଓଡ଼ି-୧୮ ସି-୫୭୭୨) କୁ ପୋଲିସ ଜବତ କରିଛି।

# ମୃତ କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ସହାୟତା



ରାୟଗଡା ଜିଲାପାଳ ପ୍ରମୋଦ କୁମାର ବେହେରା ସହାୟତା ପ୍ରଦାନ କରୁଛନ୍ତି ।

ରାୟଗଡ଼ା ଅଫିସ,୧୮।୧୨

କୋଭିଡ୍ ଯୋଦ୍ଧା ଶିକ୍ଷକ ଅରୁଣ କୁମାର ଲେଙ୍କାଙ୍କର କରୋନାରେ ଗତ ଅଗଷ୍ଟ ୧୮ରେ ମୃତ୍ୟୁ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ଦିଆଯିବ ବୋଲି ଘୋଷଣା ହୋଇଥିଲା। ଶୁକ୍ରବାର ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ମୃତ ଅରୁଣ ଲେଙ୍କାଙ୍କ ସ୍ତ୍ରୀ ସୌଦାମିନୀଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଜିଲାପାଳ ପ୍ରମୋଦ କୁମାର ବେହେରା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ରାୟଗଡ଼ା ବିଇଓ ରଜନୀକାନ୍ତ ସାମନ୍ତରାୟ, ରାୟଗଡ଼ା ବ୍ଲକ କୋଭିଡ଼ ନୋଡ଼ାଲ ଅଧିକାରୀ ଗୋପାଳ ପଣ୍ଡା ଓ ନୀଳାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପଡ଼ିଆ ବ୍ଲକ ପଞ୍ଚାୟତ ସମିତି ବୈଠକ

ପଡିଆ, ୧୮।୧୨(ଡି.ଏନ.ଏ.)-

ମାଲକାନଗିରି ଜିଲା ପଡିଆ ବ୍ଲକ ବିଡିଓ ରଘୁନାଥ ମୁଣ୍ଡାରୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ବିଧାୟକ ଆଦିତ୍ୟ ମାଢ଼ି ଯୋଗଦେଇ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଳଯୋଗାଣ, ପରିମଳ, ସାଧାରଣ ବଣ୍ଟନ, ପଶୁପାଳନ, ସମାଜ ମଙ୍ଗଳ, ମହିଳା ଶିଶୁବିକାଶ, ଜଙ୍ଗଲ ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡକାମୀ,ଉପାଧ୍ୟକ୍ଷା ଚମ୍ପାମଣି ସିଲ, ସମିତିସଭ୍ୟ ଦୁତିକା ମାଡକାମୀଙ୍କ ସହ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆରଡି ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ।

# ବିଦ୍ୟୁତ୍ କର୍ମଚାରୀ ସଂଘର ଗଣଧାରଣା

- ଦାବିପୂରଣ ନ ହେବାରୁ ଧାରଣାରେ ବସିଲେ
- ୬ମାସ ହେଲା ମିଳିନି ଦରମା
- ଦାବି ପୂରଣ ନ ହେବାଯାଏ ଆନ୍ଦୋଳନ ଚାଲିବ

ମାଲକାନଗିରି,୧୮।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ବିଦ୍ୟୁତ୍ କର୍ମଚାରୀ ସଂଘ ଶୁକ୍ରବାରଠାରୁ ଧାରଣା ଦେଇଛି। ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବେ ବୋଲି ସଂଘ ଚେତାବନୀ ଦେଇଛି। ସରକାର ସେମାନଙ୍କ ଦାବି ପୂରଣ କରି ନ ଥିବାରୁ ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ମାଲକାନଗିରି ଶାଖା ପକ୍ଷରୁ ଜିଲାର ମୁଖ୍ୟ ବିଦ୍ୟୁତ୍ କାର୍ଯ୍ୟାଳୟଠାରେ ଧାରଣା ଆରମ୍ଭ ହୋଇଛି। ଜିଲାରେ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି। ସେମାନଙ୍କୁ ସେବା ଯୋଗାଇବା ପାଇଁ ମାତ୍ର ୨୦ ଜଣ ସ୍ଥାୟୀ ଓ ୧୫୦ ଜଣ ଠିକା କର୍ମଚାରୀ ରହିଛନ୍ତି। ଠିକା କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ବ୍ୟତୀତ ବିଦ୍ୟୁତ୍ ବିଲ୍ ଆଦାୟ, ବିଦ୍ୟୁତ୍ ମରାମତି ସହ ଅନ୍ୟ କାମରେ ଲଗାଯାଉଛି। ଏହା ସତ୍ତ୍ୱେ ସେମାନଙ୍କୁ ନିୟମିତ ଦରମା ମିଳୁନି। ଏବେ ସେମାନେ ୬ମାସ ହେଲା ଦରମା ପାଇନାହାନ୍ତି। କାଳିମେଳା ବ୍ଲକ ବଦଳି ଗ୍ରାମ ଏବଂ କୋରୁକୋଣ୍ଡା ବ୍ଲକ ଏମ୍‌ଭି-୨୭ ଗ୍ରାମର ବିଦ୍ୟୁତ୍ ସବ୍ ଷ୍ଟେଶନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ୬ ମାସ ହେଲା ଦରମା ପ୍ରଦାନ ମିଳିନାହିଁ। ଜିଲାର ଅନ୍ୟ ୧୨ଟି ସ୍ଥାନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ମଧ୍ୟ ୩ ମାସର ଦରମା ମିଳିନାହିଁ। ଫଳରେ ସେମାନେ ନିଜର ପରିବାର ଚଳାଇବାରେ ସମସ୍ୟାରେ ପଡୁଛନ୍ତି। ବାରମ୍ବାର ଦାବିକଲେ ମଧ୍ୟ ସେମାନଙ୍କ ଦାବି ପୂରଣ ହେଉନି। କର୍ମଚାରୀଙ୍କୁ ସୁରକ୍ଷା ଉପକରଣ ମିଳୁନାହିଁ। ଫଳରେ ସେମାନେ ବିପଦସଙ୍କୁଳ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି। ଶୀଘ୍ର ସମସ୍ତ ସୁରକ୍ଷା ଉପକରଣ ଯୋଗାଇବା ସହ ଠିକା କର୍ମଚାରୀଙ୍କ ୬ଦଫା ଦାବି ପୂରଣ ନ ହେବାଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ଧାରଣାରେ ବସିଥିବା ବିଦ୍ୟୁତ୍ କର୍ମଚାରୀମାନେ ।

# ପାଚେରି ନିର୍ମାଣ ଆଳରେ ଷ୍ଟାଇପେଣ୍ଡରୁ କଟାଯାଉଛି ଅର୍ଥ

କୁନ୍ଦୁରା,୧୮।୧୨(ଡି.ଏନ୍.ଏ.)

ଆଦିବାସୀ ହରିଜନ ଛାତ୍ରୀଛାତ୍ରଙ୍କ ପାଇଁ ସରକାର ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ସେମାନଙ୍କୁ ଛାତ୍ରାବାସ ଓ ଛାତ୍ରୀନିବାସରେ ରଖି ସବୁ ସୁବିଧା ଯୋଗାଇ ଦେଉଛନ୍ତି। କେଉଁଠି ପ୍ରଥମରୁ ପଞ୍ଚମ ତ ଅନ୍ୟ କେଉଁଠି ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଆବାସିକ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ଗତ ମେ ମାସରୁ କରୋନା ମହାମାରୀ ଯୋଗୁ ବିଦ୍ୟାଳୟଗୁଡିକ ବନ୍ଦ ରହିଛି। ତେବେ ସରକାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ବାବଦକୁ ୯ କେଜି ଏବଂ ୧୩.୩୦୦ ଗ୍ରାମ ଲେଖାଏ ଚାଉଳ ଦେଇଛନ୍ତି। ଏପ୍ରିଲ, ମେ, ଜୁନ ଏବଂ ଜୁଲାଇରେ ମଧ୍ୟ ଆବାସିକ ବିଦ୍ୟାଳୟ ଛାତ୍ରୀଙ୍କୁ ୨୪୦୦ ଏବଂ ଛାତ୍ରମାନଙ୍କୁ ୨୨୫୦ ଟଙ୍କା ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ନଭେମ୍ବରରେ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ଏବଂ ଅକ୍ଟୋବରରେ ୪ ମାସର ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଛାତ୍ରୀଙ୍କୁ ୩୨୦୦ ଏବଂ ଛାତ୍ରଙ୍କୁ ୩୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ମାତ୍ର କୁନ୍ଦୁରା ବ୍ଲକସ୍ଥିତ କାଉଡ଼ିଆଗୁଡ଼ା ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କୁ ୧୩୬ ଟଙ୍କା ପ୍ରଦାନ କରି ପାଚେରି, କାନ୍ଥ ନିର୍ମାଣ ଆଳରେ ଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କଠାରୁ ୩୦୦ ଲେଖାଏ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। କୁନ୍ଦୁରା ବ୍ଲକର କେତେଜଣ ଛାତ୍ରୀଙ୍କଠାରୁ ପାଚେରି ନିର୍ମାଣ ବାବଦକୁ ୨୦୦/୩୦୦ ଟଙ୍କା ଲେଖାଏ ମଧ୍ୟ ଆଦାୟ କରାଯାଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଲାଲବାହାଦୁର ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପପେୟା ବେହେରାଙ୍କ ପରାମର୍ଶକ୍ରମେ ମୋ ସ୍କୁଲ ଅଭିଯାନରେ ପ୍ରତି ଛାତ୍ରୀଙ୍କଠାରୁ ୫୦/୧୦୦ ଟଙ୍କା କାଟି ରଖାଯାଇଛି। ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲିଙ୍କୁ ପଚାରିବାରୁ ସେ କହିଲେ, ମୋ ଜାଣତରେ ପ୍ରଧାନ ଶିକ୍ଷକ ଛାତ୍ରୀଙ୍କଠାରୁ ୫୦/୧୦୦ ଟଙ୍କା କାଟି ରଖିଛନ୍ତି। ଏନେଇ ରସିଦ୍ ମଧ୍ୟ ଦେଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କୁ ଏନେଇ ପଚାରିବାରୁ ସେ କହିଲେ, ଏମିତି କିଛି ନିୟମ ଆମ ବିଭାଗ ଦ୍ୱାରା କରାଯାଇନାହିଁ। ଯଦି ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଟଙ୍କା ଆଦାୟ କରାଯାଇଛି ତେବେ ଏଥିପାଇଁ ଡିଇଓଙ୍କ ନିର୍ଦ୍ଦେଶ ଥିବ। ଏ ବିଷୟରେ ମୁଁ ଡିଇଓଙ୍କ ସହ କଥା ହୋଇ ଏକ କମିଟି ଦ୍ୱାରା ଏହାର ତଦନ୍ତ କରିବି ବୋଲି ଜିଲା ମଙ୍ଗଳ ଅଧିକାରୀ ମହାପତ୍ର କହିଥିଲେ।



କାଉଡ଼ିଆଗୁଡ଼ା ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ।

**କାଉଡ଼ିଆଗୁଡ଼ା ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ**

